ସ୍ମାର୍ଟ କମ୍ୟୁନିକେସନ୍‌ର ଗୁରୁତ୍ୱ ବୃଦ୍ଧି ପାଉଛି।

ବର୍ଷିକ ଆୟବ୍ୟୟ ହିସାବ କରାଯିବ।

# ଆଇଆଇପିଏମ୍‌ରେ ବହୁରାଷ୍ଟ୍ରୀୟ କମ୍ପାନିଙ୍କର କ୍ୟାମ୍ପସ୍

ରାଉରକେଲା, ୩/୨ (ଇମିସ): କାଂଶବାହାଲସ୍ଥିତ ଆଇଆଇପିଏମ୍‌ରେ ପୁନର୍ବାର ବହୁରାଷ୍ଟ୍ରୀୟ କମ୍ପାନି ଦ୍ୱାରା କ୍ୟାମ୍ପସ୍ ରିକ୍ରୁଟମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଟି ମହାଦେଶ ଓ ୧୭ଟି ଦେଶରେ ସିମେଣ୍ଟ ଓ ଆଲୁମିନିୟମ୍ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଗତ ଜାନୁଆରୀ ୩୧ ତାରିଖ ଦିନ କ୍ୟାମ୍ପସ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ ଶିକ୍ଷାର୍ଥୀମାନଙ୍କୁ ଭଲ ପ୍ୟାକେଜ୍‌ରେ ନିଯୁକ୍ତି ଦେବା ପାଇଁ ଚୟନ କରାଯାଇଥିଲା। ସେହିପରି ଗତ ୩୦ ତାରିଖ ଦିନ ଉଷା ମେସିନ୍ ଲିମିଟେଡ୍ ଆଇଆଇପିଏମ୍ ଛାତ୍ରଙ୍କ ନିମନ୍ତେ ଏନ୍‌ଆଇଟି, ରାଉରକେଲାରେ କ୍ୟାମ୍ପସ୍ ଆୟୋଜନ କରି କିଛି ଛାତ୍ରଙ୍କୁ ଚୟନ କରିଥିବା ଜଣାପଡ଼ିଛି। ବିଗତ ଦିନରେ ଆଇଆଇପିଏମ୍ କ୍ୟାମ୍ପସ୍‌ରେ ଏଲ୍ ଏଣ୍ଡ ଟି, ଓସିଏଲ୍, ଟେଗା, ଜେକେ ପେପର୍ ଭଳି ପ୍ରମୁଖ କମ୍ପାନି କ୍ୟାମ୍ପସ୍ ଆୟୋଜନ କରିସାରିଛନ୍ତି। ନିକଟ ଭବିଷ୍ୟତରେ ନେକୋ ଇଣ୍ଡିଆ ଲିମିଟେଡ୍ କ୍ୟାମ୍ପସ୍ ରିକ୍ରୁଟମେଣ୍ଟ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି। ଆଇଆଇପିଏମ୍‌ରେ ଚଳିତ ବର୍ଷଠାରୁ ଇଂଜିନିୟରିଂ, ମ୍ୟାନେଜମେଣ୍ଟ, କଣ୍ଡିସନ୍ ମାର୍କେଟିଂ, ମେଣ୍ଟେନାନ୍ସ ମ୍ୟାନେଜମେଣ୍ଟ ଉପରେ ଶିକ୍ଷା ଦାନର ବ୍ୟବସ୍ଥା କରାଯାଇଛି ବୋଲି ପ୍ରତିଷ୍ଠାନର ସହ ନିର୍ଦ୍ଦେଶକ ମିହିର ରଂଜନ ନାୟକ କହିଛନ୍ତି।

Sambad